# ଆମ ସଂସ୍କୃତି ଓ ପର୍ବ-ପର୍ବାଣି

ଡ଼: ସୁବାସ ଚନ୍ଦ୍ର ସାହୁ ।

ଆମ ସଂସ୍କୃତି, ଆମ ପରଂପରା ଓ ରୁଚିବୋଧ, ବିଶ୍ୱାସ ଓ ଧାରଣା, ଦୃଷ୍ଟି ଓ ଦର୍ଶନର ସମ୍ମିଳିତ ରୂପ । ହଜାର ହଜାର ବର୍ଷ ଧରି ସମାଜ ମଧ୍ୟରେ ପ୍ରଚଳିତ ପର୍ବ-ପର୍ବାଣି, ଓଷା-ବ୍ରତ ଓ ଯାନି-ଯାତ୍ରା ମଧ୍ୟରେ ଏହାର ଜନ୍ମ ଓ ବିକାଶ । ପର୍ବ-ପର୍ବାଣି ଆଧ୍ୟାତ୍ମିକ ଆସ୍ଥା ଓ ବିଶ୍ୱାସ, ଧର୍ମୀୟ ଶୃଙ୍ଖଳା ଓ ଶୁଚିନିଷ୍ଠତା, ମାନବୀୟ ସଂପର୍କ ଓ ସଂବନ୍ଧର ସଂରକ୍ଷକ ଓ ସଂଚାଳକ । ଏହାରି ଭିତରେ ଲୁଚିରହିଛି ଆମ ଚିନ୍ତା ଓ ଚେତନା, ଚାହାଣୀ ଓ ଚଳଣୀ, ଆଚାର ଓ ବିଚାର, ରୀତି ଓ ନୀତି, ସିଦ୍ଧି ଓ ସିଦ୍ଧାନ୍ତ, ଅନୁଭବ ଓ ଅନୁଭୂତିର ସାରନିର୍ଯ୍ୟାସ । ସାମାଜିକ ଓ ବ୍ୟକ୍ତିଗତ ଆଭିମୁଖ୍ୟ, ଶାରୀରିକ ଓ ମାନସିକ ଆବଶ୍ୟକତା, ପାଣିପାଗ ଓ ଜଳବାୟୁଗତ ବୈଶିଷ୍ଟ୍ୟ, ଆଦି ଆଧାରରେ  ପର୍ବ-ପର୍ବାଣିଗୁଡିକର ସମୟ ଓ ବିଧି- ନିଷେଧ ଆଦି ପରିକଳ୍ପିତ । ବହୁ କ୍ଷେତ୍ରରେ ଏହା ଉନ୍ନତ ବୈଜ୍ଞାନିକ ଯୁକ୍ତିବତ୍ତା ଓ ସିଦ୍ଧାନ୍ତ ଆଧାରିତ ମଧ୍ୟ । ଆଧୁନିକ ବିଚାରରେ ଏହା କୁସଂସ୍କାର ରୂପେ ଚର୍ଚ୍ଚିତ ହେଲେ ମଧ୍ୟ ବାସ୍ତବତା ଦୃଷ୍ଟିରୁ ପର୍ବ-ପର୍ବାଣି କିନ୍ତୁ ଏକ ସଂସ୍କାରିତ ସାମାଜିକ ବିଭବ । ତାହା ହୋଇନଥିଲେ ଏହାର ନିରବଛିନ୍ନ ଧାରା ପ୍ରବାହ ସମୟର ଗଡ୍ଡାଳିକା ପ୍ରବାହରେ କେଉଁ କାଳୁ ଅନ୍ତର୍ହିତ ହୋଇସାରନ୍ତାଣି । ବାସ୍ତବରେ ପର୍ବ-ପର୍ବାଣି ସବୁରି ସଂସ୍କୃତିର ମୁଖଶାଳା ।

'ପର୍ବ' ଏକ ସଂସ୍କୃତ ଶବ୍ଦ । ଓଡ଼ିଆରେ ଯାହା 'ପବ' ନାମରେ ପରିଚିତ । ଯହାର ଅର୍ଥ ଦୁଇଟି ଅଂଶର ସଂଯୋଗ ସ୍ଥଳ । ଅର୍ଥାତ ମନୁଷ୍ୟର ଗତାନୁଗତିକ ଜୀବନଧାରାକୁ ଭକ୍ତି,ଶ୍ରଦ୍ଧା,ଆନନ୍ଦ,ଉତ୍ସାହ ଏବଂ ପବିତ୍ରତାର ସ୍ପର୍ଶ ଦେବା ଉଦ୍ଦେଶ୍ୟରେ ତିଥିବାର ଭିତ୍ତିରେ ଯାହା ସଂଯୋଜିତ କରିଥାଏ ତାହାହିଁ ପର୍ବ-ପର୍ବାଣି ନାମରେ ପରିଚିତ । କେଉଁ ଆବହମାନ କାଳରୁ ଆମ ମାଟିରେ ଜ୍ୟୋତିଷ ଶାସ୍ତ୍ରର ଜଟିଳ ଗାଣିତିକ ସୂତ୍ର ଆଧାରରେ ଗ୍ରହ/ନକ୍ଷତ୍ରମାନଙ୍କର ଅନୁକୂଳ ଓ ପ୍ରତିକୂଳ ସ୍ଥିତି ଅନୁସାରେ ପର୍ବ-ପର୍ବାଣି ସକଳର ଦିନ ସମୟ ଧାର୍ଯ୍ୟ କରାଯାଇଛି । ଯାହା କାଳେ କାଳେ ଅପରବର୍ତ୍ତନୀୟ ଓ ଅବଧାରିତ । ଯେପରି ବୃଷ ମାସର ଶେଷ ଦିନ, ତା' ପରଦିନ ମିଥୁନ ସଂକ୍ରାନ୍ତି ଓ ତା' ପରଦିନକୁ ମିଶାଇ ତିନିଦିନ କାଳ ରଜ ଉତ୍ସବ, ଭାଦ୍ର କୃଷ୍ଣ ଅଷ୍ଟମୀରେ ଶ୍ରୀକୃଷ୍ଣ ଜନ୍ମାଷ୍ଟମୀ, ଭାଦ୍ର ଶୁକ୍ଳ ପକ୍ଷରେ ସୁନିଆଁ, ଆଶ୍ୱିନ ଶୁକ୍ଳ ସପ୍ତମୀ, ଅଷ୍ଟମୀ ଓ ଦଶମୀରେ ଦଶହରା ଉତ୍ସ ବ, ଆଶ୍ୱିନ ପୂର୍ଣ୍ଣିମାରେ କୁମାର ଉତ୍ସବ, କାର୍ତ୍ତିକ ପୂର୍ଣ୍ଣିମାରେ ବୋଇତ ବନ୍ଦାଣ ଓ ପଞ୍ଚକ, କାର୍ତ୍ତିକ ଅମାବାସ୍ୟାରେ ଦୀପାବଳୀ ଆଦି ପର୍ବର ପରିକଳ୍ପନା କରାଯାଇଛି । ତେବେ ପ୍ରତ୍ୟେକଟି ଅନୁଷ୍ଠାନର ସ୍ୱତନ୍ତ୍ର ବୈଶିଷ୍ଟ୍ୟ ଓ ସ୍ୱତନ୍ତ୍ର ଆଚାର ସଂହିତା ପ୍ରଚଳିତ ।

ଆମ ମାଟିରେ ପାଳିତ ପର୍ବ-ପର୍ବାଣିର ଦ୍ୱିବିଧ ଧାରା ପ୍ରବାହ ପରିଲକ୍ଷିତ । ଗୋଟିଏ ବ୍ୟଷ୍ଟି କୈନ୍ଦ୍ରିକ ଓ ଅନ୍ୟଟି ଗୋଷ୍ଠୀ କୈନ୍ଦ୍ରିକ । ଗୋଟିକରେ ଆତ୍ମିକ, ପାରିବାରିକ ଉନ୍ନତି ଓ ପ୍ରଗତିର ପରିକଳ୍ପନା ଥିବାବେଳେ ଅନ୍ୟଟିରେ ସାମାଜିକ/ଜାତୀୟ ଉନ୍ନତି ପ୍ରଗତି ଓ ସଦଭାବନାର ଉଦ୍ଦେଶ୍ୟ ପରିଲକ୍ଷିତ । ଅବସର ବିନୋଦନ, ମନୋରଞ୍ଜନ, ପାରିବାରିକ ଓ ସାମାଜିକ ଏକତା ତଥା ସଦଭାବ, ଭ୍ରାତୃତ୍ୱ ଓ ମୈତ୍ରୀ ଭାବର ପ୍ରସାର ଓ ପ୍ରତିଷ୍ଠା ଏହି ସମସ୍ତର ଉଦ୍ଦେଶ୍ୟ ହୋଇଥିଲେ ମଧ୍ୟ ପ୍ରତ୍ୟେକଟି ଅନୁଷ୍ଠାନରେ କିନ୍ତୁ ସ୍ଥାନ,କାଳ ପାତ୍ର ଓ ପଦ୍ଧତିଗତ ଭିନ୍ନତା

ପରିଲକ୍ଷିତ । ପର୍ବ-ପର୍ବାଣି ଏକ ଗଣତାନ୍ତ୍ରିକ ସାମାଜିକ ବ୍ୟାପାର ହୋଇଥିବାରୁ ଏହାକୁ ସ୍ତ୍ରୀ-ପୁରୁଷ, ଜାତି-ବର୍ଣ୍ଣ, ବର୍ଗ ଓ ସ୍ତର ଭେଦରେ ସମସ୍ତେ ପ୍ରାୟତ: ପାଳନ କରିଥାଆନ୍ତି । କେତୋଟି ପର୍ବ କେବଳ ନାରୀ ମାନଙ୍କ ଦ୍ୱାରା ପାଳିତ ହୋଇଥିବାବେଳେ ଆଉ କେତେକ କେବଳ ପୁରୁଷ ମାନଙ୍କଦ୍ୱାରା ଅଥବା ନାରୀ ଓ ପୁରୁଷ ଉଭୟଙ୍କଦ୍ୱାରା ପାଳିତ ହୋଇଥାଏ ।

ସମଗ୍ର ଉତ୍କଳର କେତେକ ପର୍ବ-ପର୍ବାଣି ଘରେ ଘରେ ସ୍ୱତନ୍ତ୍ରରୂପେ ପାଳିତ ହେଉଥିବା ବେଳେ ଆଉକେତେକ ଆନୁଷ୍ଠାନିକ ଭାବେ ପାଳିତ ହୋଇଥାଏ । ଯେପରି ସୋମନାଥ ବ୍ରତ, ମାଣବସା, ବାଲିତୃତୀୟା, ସୁଦଶା ବ୍ରତ, ଚିତଉ ଅମାବାସ୍ୟା, ଗହ୍ମା ପୂର୍ଣ୍ଣିମା, ଆଦି ବ୍ୟକ୍ତିଗତ ଓ ପାରିବାରିକ ଜୀବନର ଆଚାର ଶୁଦ୍ଧତା ପାଇଁ ଉଦ୍ଦିଷ୍ଟ । ସେହିପରି ଦୁର୍ଗାଷ୍ଟମୀ, ରାମନବମୀ, ରଥଯାତ୍ରା, ଅଗିରା ପୂର୍ଣ୍ଣିମା,ଶିବରାତ୍ରି, ସରସ୍ୱତୀ ପୂଜା, ଗଣେଶ ପୂଜା, ଓ ମକରଯାତ୍ରା ଆଦି ଯାତ୍ରାଭାବାପନ୍ନ ପର୍ବପର୍ବାଣି ମନଙ୍କରେ ସାମାଜିକ ଜୀବନର ଗଣତାନ୍ତ୍ରିକ ରୂପ ପ୍ରକାଶ ପାଏ । ଦୈନନ୍ଦିନ ଜୀବନର ଶଗଡ଼ ଗୁଳାରୁ ବ୍ୟକ୍ତି ତଥା ପରିବାର ଏହି ଦିନମାନଙ୍କରେ ବାହାରି ଯାଏ ଓ ସମୂହ ଜୀବନବୋଧ ସହ ସେମାନଙ୍କର ମହାମିଳନ ଘଟେ । ଧର୍ମଧାରଣା ଏମାନଙ୍କର ମୂଳ ଉତ୍ସ ହେଲେ ହେଁ ସମାଜ ଜୀବନରେ ଏହା ଯେଉଁ ଅଖଣ୍ଡ ଭାବଧାରା ସୃଷ୍ଟିକରେ ତାହା ବ୍ୟକ୍ତିକୁ କିଛି କମ ପ୍ରେରଣା ଦିଏ ନହିଁ ।

ଓଡ଼ିଶା, ପର୍ବ-ପର୍ବାଣିର ଦେଶ । ଏଠି ବାରମାସରେ ବାଇଶି ପର୍ବ ମହାଆଡ଼ମ୍ବର ଓ ନିଷ୍ଠାର ସହ ପଳିତ ହୋଇଥାଏ । ନିମ୍ନରେ ଓଡ଼ିଆ ବର୍ଷର ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ପାଳିତ ପର୍ବ-ପର୍ବାଣିଗୁଡିକର ଏକ ସଂକ୍ଷିପ୍ତ ତଥା ନିର୍ବାଚିତ ତାଲିକା ଦିଆଯାଇପାରେ । ଯେପରି ବୈଶାଖ ମାସରେ ମହାବିଷୁବ ସଂକ୍ରାନ୍ତି ବା ପଣାସଂକ୍ରାନ୍ତି, ଶ୍ରୀହନୁମାନ ଜନ୍ମ, ଅକ୍ଷୟ ତୃତୀୟା, ଚନ୍ଦନ ପୂର୍ଣ୍ଣିମା । ଜ୍ୟେଷ୍ଠମାସରେ ସାବିତ୍ରୀ ଅମାବାସ୍ୟା, ଶିତଳ ଷଷ୍ଠୀ, ସ୍ନାନପୂର୍ଣ୍ଣିମା, ଆଷାଢ ମାସରେ ରଜ ସଂକ୍ରାନ୍ତି, ନେତ୍ରୋତ୍ସବ, ଶ୍ରୀଗୁଣ୍ଡିଚା, ବାହୁଡା ଦଶମୀ, ବ୍ୟାସପୂର୍ଣ୍ଣିମା । ଶ୍ରାବଣ ମାସରେ ଚିତାଲାଗି ଅମାବାସ୍ୟା, ଝୁଲଣ ଯାତ୍ରା, ଗହ୍ମା ପୂର୍ଣ୍ଣିମା । ଭାଦ୍ରବ ମାସରେ ଶ୍ରୀକୃଷ୍ଣ ଜନ୍ମାଷ୍ଟମୀ, ନନ୍ଦୋତ୍ସବ, ଗଣେଶ ଚତୁର୍ଥୀ, ଖୁଦୁରୁକୁଣୀ ଓଷା, ରାଧାଷ୍ଟମୀ, ସୁନିଆଁ, ବ୍ୟାସ ପୂର୍ଣ୍ଣିମା ଓ ଭାଗବତ ଜନ୍ମ । ଆଶ୍ୱିନ ମାସରେ ବିଶ୍ୱକର୍ମାପୂଜା, ମହାଳୟା, ଦୁର୍ଗାପୂଜା, ଦଶହରା ଓ କୁମାର ପୂର୍ଣ୍ଣିମା । କାର୍ତ୍ତିକ ମାସରେ ଗର୍ଭଣା ସଂକ୍ରାନ୍ତି, ପୟାଶ୍ରାଦ୍ଧ ଓ କାଳୀ ପୂଜା । ମାର୍ଗଶୀର ମାସରେ ପ୍ରଥମାଷ୍ଟମୀ, ପଣ୍ଡୁ ପୂର୍ଣ୍ଣିମା, ବାଟ ଓଷା, ମାଣବସା ଓ ଲକ୍ଷ୍ମୀ ପୂଜା । ପୌଷମାସରେ ଧନୁ ସଂକ୍ରାନ୍ତି, ବକୁଳଅମାବାସ୍ୟା,ଶାମ୍ବଦଶମୀ । ମାଘ ମାସରେ ମକର ସଂକ୍ରାନ୍ତି, ବରଦା ଗଣେଶପୂଜା, ଶ୍ରୀପଞ୍ଚମୀ, ଅଗ୍ନି ପୂର୍ଣ୍ଣିମା । ଫାଲଗୁନ ମାସରେ ଶିବରାତ୍ରି, ଦୋଳପୂର୍ଣ୍ଣିମା ଓ ଫଗୁ ଉତ୍ସବ । ଚୈତ୍ର ମାସରେ ବାରୁଣୀ ସ୍ନାନ,ଅଶୋକାଷ୍ଟମୀ, ଶ୍ରୀରାମନବମୀ ଇତ୍ୟାଦି ମହା ସମାରୋହରେ ପାଳିତ ହୋଇଥାଏ ।

ଓଡ଼ିଶୀ ସଂସ୍କୃତି ଦୟା, କ୍ଷମା, ତିତିକ୍ଷା, ତ୍ୟାଗ ତଥା ମାନବୀୟ କୃତଜ୍ଞତା ଓ ଆତ୍ମୋତ୍ସର୍ଗରେ ଉଦବୁଦ୍ଧ । ତାର ବିଶ୍ୱାସ ସରଳ । ଦୃଷ୍ଟିଭଙ୍ଗୀ ଉଦାର ଓ ବୁଦ୍ଧିଦୀପ୍ତ । ଜଡ଼-ଜୀବନ୍ତ ସବୁଠି ସେ ଦେଖେ ଇଶ୍ୱରମୟ । ତେଣୁ ଓଡ଼ିଶୀ ପର୍ବ-ପର୍ବାଣିରେ ଗୀତାର ସେହି ଶ୍ଳୋକ-'ଅହଂ ଆତ୍ମା ଗୁଡ଼ାକେଶ ସର୍ବଭୂତାଶୟ ସ୍ଥିତ' ସବୁଠି ଅନୁରଣିତ ।

ସଂଭବତ: ସେଇଥି ପାଇଁ ଗର୍ଭଣାରେ ଧାନ ଗଛକୁ, ଶାମ୍ବ ଦଶମୀରେ ସୂର୍ଯ୍ୟଙ୍କୁ, କୁମାର ପୂର୍ଣ୍ଣିମାରେ ଚନ୍ଦ୍ରଙ୍କୁ, ଗହ୍ମା ପୂର୍ଣ୍ଣିମାରେ ଗୋସଂପଦକୁ, ଅଗିରା ପୂର୍ଣ୍ଣିମାରେ ଅଗ୍ନିକୁ, ଗୁରୁ ପୂର୍ଣ୍ଣିମାରେ ବ୍ୟାସଙ୍କୁ ସେ ତାର ଶ୍ରଦ୍ଧା ସୁମନ ଓ ଭକ୍ତି ନୈବେଦ୍ୟ ଅର୍ପଣ କରିଥାଏ ।

ଆହୁରି ମଧ୍ୟ ସାରା ବର୍ଷ ଆମ ଶରୀରକୁ ସୁସ୍ଥ-ସବଳ, ହୃଷ୍ଟ-ପୁଷ୍ଟ ରଖିବା ଉଦ୍ଦେଶ୍ୟରେ ପୂଜା-ପାର୍ବଣରେ ଋତୁ ଅନୁକୂଳ ଖାଦ୍ୟ-ପେୟ ଓ ନୈବେଦ୍ୟର ବ୍ୟବସ୍ଥା ଅଛି । ଗ୍ରୀଷ୍ମମଣ୍ଡଳୀୟ ଜଳବାୟୁ ହୋଇଥିବା ହେତୁ ଓ ଶରୀରରେ ଚର୍ବିଜାତୀୟ ଖାଦ୍ୟସାରର ସଂଚୟକୁ ରୋକିବାପାଇଁ ନିରାମିଷ ଭକ୍ଷଣ ଓ ଉପବାସ ଉପରେ ଅଧିକ ଗୁରୁତ୍ୱ ଦିଆଯାଇଛି । ପାଚିଲା କଦଳୀ, ନଡିଆ, ଅଦା, ଆଖୁ, କାକୁଡ଼ି ଆଦି ଫଳମୂଳ ସହ ଦୁଧ, ଦହି, ଛେନା, ଗଜାମୁଗ, ଘିଅ ଓ ମହୁ ପ୍ରଭୃତି ପୁଷ୍ଟିକର ଓ ସ୍ୱାଦୁଯୁକ୍ତ ଖାଦ୍ୟ ସାମଗ୍ରିର କଥା କୁହାଯାଇଛି ।

ଏହାଛଡା ଓଡ଼ିଶୀ ପର୍ବ-ପର୍ବାଣି ପାଳଣାରେ ଆମ ସଂସ୍କୃତି, ବହୁ କ୍ଷେତ୍ରରେ ଋତୁ ଚକ୍ରର ଆବର୍ତ୍ତନ ଓ ତତ୍ ସଂଗେ ସଂଗେ ଉପଲ୍ଧ ଖାଦ୍ୟ ପ୍ରସ୍ତୁତି ଓ ଭକ୍ଷଣ ବିଷୟରେ ଅଧିକ ସଚେତନ ଥିବାପରି ଲାଗେ । ଯହାକି ଆମ ରୁଚିବୋଧ ଓ ଜୀବନ ଶୈଳୀର ଏକ କଳାତ୍ମକ ପରିପ୍ରକାଶ । ଆମ ମାଟିରେ ପର୍ବ-ପର୍ବାଣି ଅନୁକୂଳ ବିବିଧ ପିଠା ପଣାର ପ୍ରସ୍ତୁତି ଏହାର ଏକ ସ୍ୱଷ୍ଟ ନିଦର୍ଶନ । ରଜର ପୋଡ଼ପିଠା, ଚକୁଳି ଓ କାକରା, ଚିତାଲାଗି ଅମାବାସ୍ୟାରେ ଚିତଉ, ଗହ୍ମାପୂର୍ଣ୍ଣିମାରେ ଚକୁଳି, ଦଶହରାରେ ମଣ୍ଡା, ପ୍ରଥମାଷ୍ଟମୀରେ ଏଣ୍ଡୁରୀ, ଧନୁସଂକ୍ରାନ୍ତିରେ ମୁଆଁ, ବଉଳ ଅମାବାସ୍ୟାରେ ଗଇଠା ଆଦିର ପ୍ରସ୍ତୁତି ଆମ ପରଂପରାର ଭିନ୍ନ ଏକ ବୈଶିଷ୍ଟ୍ୟ ।

ଉତ୍କଳର ପର୍ବ-ପର୍ବାଣି ବହୁ ବୈଚିତ୍ର୍ୟ ଓ ବିବର୍ତ୍ତନ ଭିତରଦେଇ ଅତୀତରୁ ବର୍ତ୍ତମାନ ଓ ବର୍ତ୍ତମାନରୁ ଭବିଷ୍ୟତ ଆଡକୁ ପ୍ରଧାବିତ । ଗ୍ରାମରୁ ସହର ପର୍ଯ୍ୟନ୍ତ ଆଜିଏହା ତାର ଗୌରବମୟ ଗରିମା ସୁରକ୍ଷିତ କରି ରଖିପାରିଛି । ପ୍ରତ୍ୟେକଟି ପର୍ବ-ପର୍ବାଣି ଉପଲକ୍ଷେ ପ୍ରଚଳିତ ପରିଧାନ-ପରିପାଟୀ, ଚିତା-ଝୋଟି, ଖାଦ୍ୟ-ପେୟ, ପୂଜା-ପାଠ, ଆଚାର-ବିଚାର, ଭିତରେ ଓଡ଼ିଆର ଜାତୀୟ ବୈଶିଷ୍ଟ୍ୟ ପ୍ରବାହିତ ଓ ପ୍ରତିଷ୍ଠିତ । ସମାଜକୁ କଲ୍ୟାଣ ପ୍ରଦ ଆଦର୍ଶରେ ଅନୁପ୍ରାଣିତ ତଥା ନିୟନ୍ତ୍ରିତ କରିବା ଉଦ୍ଦେଶ୍ୟରେ ଏମାଟିର ପର୍ବ-ପର୍ବାଣି ସକଳ ସୃଷ୍ଟିହୋଇଥିବାରୁ ଆମର ପର୍ବ-ପର୍ବାଣି ମଧ୍ୟରେ ବୀରପୂଜା, ପ୍ରତିଭା ଓ ପୁସ୍ତକ ପ୍ରତି ସମ୍ମାନବୋଧ, ସତ୍ୟ, ଦୟା, ଦାନ, ଅହିଂସା ପ୍ରତି ଆଦର, ପବିତ୍ରତା ଓ ପରଂପରା ପ୍ରତି ଅନୁରକ୍ତି, ପରିଛନ୍ନତା, ଚାରିତ୍ରିକ ଶୁଚିତା, ରୋଗ ପ୍ରତିଷେଧକ ବ୍ୟବସ୍ଥା, ଯୌନସଂଜମତା, ମାନସିକ ପ୍ରସନ୍ନତା, ପଡ଼ୋଶୀଙ୍କ ପ୍ରତି ମିତ୍ରତା, ମନ ଓ ଆଚରଣକୁ ହିଂସା, ଦ୍ୱେଷ, ଗର୍ବ, ଅଭିମାନ, ପରନିନ୍ଦା ଓ ପରଶ୍ରୀକାତରତା, ଅସାଧୁ କର୍ମ ଏବଂ ପାପାସକ୍ତି ଆଦି ଦୋଷଦୁର୍ବଳତାରୁ ଦୂରେଇ ରଖିବା ଆଦି ଶିକ୍ଷା ପର୍ବ-ପର୍ବାଣି ମାଧ୍ୟମରେ ଅନୁଗୁମ୍ଫିତ ହୋଇଛି ।

ଆଜିର ଯୁଗରେ ଆମେ ନିଜକୁ ଯେତେ ଜ୍ଞାନୀ, ଗୁଣି, ସଭ୍ୟ ଓ ଆଧୁନିକ ବୋଲି କହିହେଲେ ମଧ୍ୟ  ଆମେ ଆମ ପାଦତଳର ମାଟି, ଆମ ପରମ୍ପରା ଓ ଐତିହ୍ୟକୁ ଭୁଲିପାରିବା ନାହିଁ । କାରଣ ତାରିଭିତରେ ଅଛି ଆମ ଅତୀତର ଅନୁଭବ ଓ ଅନୁଭୂତି, ବର୍ତ୍ତମାନର ସଂବେଦନା ଓ ସଚେତନତା, ଭବିଷ୍ୟତର ଆଶା ଓ ସ୍ୱପ୍ନ । ଯଥାର୍ଥରେ ଆମ ସଂସ୍କୃତି ଓ ପର୍ବ-ପର୍ବାଣି ଆମ ଆତ୍ମାର ପରିପ୍ରକାଶ ଓ ପ୍ରତିଫଳନ । ଯାହା ଅଲିଭା ଓ ଅଭୁଲା ।

odia.org